# Akashvani, Sambalpur

## SAMBALPURI NEWS EVENING BULLETIN

## 4 December 2025- 7.02 pm- 7.12 pm.

*****************************************

୧- ମହାନଦୀ ଜଲ୍ ବିବାଦ୍ ସମାଧାନ୍ ଲାଗି ଆଏବା କାଏଲ୍ ଓଡ଼ିଶା ଆଉ ଛତିଶ୍‌ଗଡ୍ ଭିତ୍‌ରେ ହେବା ଯୁଗ୍ମ ବୈଷୟିକ କମିଟି ବୈଠକ୍ ।

୨- ପୁରୀ ଠାନେ ଆଏବା କାଏଲ୍‌ଠାନୁ ମୁଲ୍ ହେବା ୩ ଦିନିଆ ବୈଶ୍ୱିକ୍ ଶକ୍ତି ନେତୃତ୍ୱ ସମ୍ମିଳନୀ ।

୩- ପଂଚାୟତ୍ କାର୍ଯ୍ୟାଳୟକେ ସ୍ଥାନାନ୍ତରିତ ହେବା ୫ ଶହ ୭୩ ଟା ଡାକ୍‌ଘର୍ ।

୪- ବରିଷ୍ଠ ତୀର୍ଥଯାତ୍ରା ଯୋଜ୍‌ନାଥି ଆଏବା କାଏଲ୍ ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ନୁ ରାମେଶ୍ୱରମ୍- ମଦୁରାଇକେ ଯିବେ ୭ଟା ଜିଲ୍ଲାର୍ ତୀର୍ଥଯାତ୍ରୀ ।

ଆଉର୍

୫- ଭାରତୀୟ ନୌସେନାର୍ ପରାକ୍ରମ୍, ସଫଲତା ଆଉ ରଣନୈତିକ୍ ଗୁରୁତ୍ୱକେ ସ୍ୱିକୃତୀ ଦେବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ନୌସେନା ଦିବସ ।

ମହାନଦୀ ବିବାଦ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମହାନଦୀ ଜଳ ବିବାଦ ସମାଧାନ୍ ନେଇକରି ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଯୁଗ୍ମ ବୈଷୟିକ କମିଟି ବୈଠକ୍ ଆଏବା କାଏଲ୍ ହେବା । ବିଧାନ୍‌ସଭା ନ ଆଏଜ୍ ପ୍ରଶ୍ନକାଳଥି ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ଇ ବାବ୍‌ଦେ ସୂଚ୍‌ନା ଦେଇକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍, ଆପୋଷ ଆଲୋଚନା ଜରିଏ ବିବାଦ୍‌ର ସମାଧାନ୍ ଲାଗି ଦୁହି ରାଜ୍ୟ ଚେରେଷ୍ଟା ଜାରି ରଖିଛନ୍ । ଦୁହି ରାଜ୍ୟର୍ ମୁଖ୍ୟମନ୍ତ୍ରୀଙ୍କର୍ ଭିତ୍‌ରେ ଇଟାକେ ନେଇକରି ଅନୌପଚାରିକ ଆଲୋଚନା ହେଇସାରିଛେ ବଲି ସେ କହିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପୂର୍ବାଂଚଲ୍ ପରିଷଦ୍ ବୈଠକ୍‌ଥି ଭିଲ୍ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ହେଇଛେ । ଗଲା ଅଗଷ୍ଟ ୩୦ ତାରିଖ୍ ଦିନ ହେଇଥିବା ଦୁହି ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ସ୍ତରୀୟ ବୈଠକ୍ ଅବ୍‌ସରେ ବିବାଦ୍‌ର ସମାଧାନ୍ ଲାଗି ଗୁଟେ ରୂପରେଖ ତିଆର୍ କରାଯାଇଛେ । ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ଯୁଗ୍ମ ବୈଷୟିକ୍ କମିଟିର୍ ବୈଠକ୍ ଇତାର୍ ଆଘୋନୁ ୬ ଥର୍ ହେଇସାରିଛେ । ମହାନଦୀ ଟ୍ରିବ୍ୟୁନାଲ୍‌ଥି ମାମ୍‌ଲାର୍ ପରବର୍ତୀ ଶୁଣାଣି ଆଏବା ୨୦ ତାରିଖ୍ ହେବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର ସମ୍ବାଦଦାତା

କଂଗ୍ରେସ୍ ସଦସ୍ୟଙ୍କର୍ ହୋହଲ୍ଲା ଲାଗି ବିଧାନ୍‌ସଭାର୍ ପ୍ରଶ୍ନକାଳ ଆଏଜ୍ ବାଧା ହେଇଛେ । ଗଲାକାଏଲ୍ ବେସର୍‌କାରୀ କାର୍ଯ୍ୟଦିବସ୍ ଅବ୍‌ସରେ କଂଗ୍ରେସ୍ ବିଧାୟକ୍ ଦଲ୍ ନେତା ରାମଚନ୍ଦ୍ର କାଡ଼ାମ୍‌ଙ୍କୁ ସଂକଳ୍ପ ଉପସ୍ଥାପନ୍ କର୍‌ବାର୍ ଲାଗି ସୁଯୋଗ୍ ଦିଆ ନାଇଁ ଯିବାର୍ ଅଭିଯୋଗ୍‌ଥି ଦଲୀୟ ସଦସ୍ୟମାନେ ଆଏଜ୍ ଗୃହ ନ କିର୍ଲାଗଗା କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ପହେଲା ୧୦ ବାଜିକରି ୪୬ ମିନିଟ୍‌ନୁ ସାଢ଼େ ୧୧ ତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ । ସେଆଡ଼େ ଶୂନ୍ୟକାଳଥି ଗୃହ ନ ବାର୍ ବାର୍ ଇ ପ୍ରସଙ୍ଗ ଉଠେଇକରି କଂଗ୍ରେସ୍ ସଦସ୍ୟମାନେ ସଂକଳ୍ପ ଆଲୋଚନା ଲାଗି ଦିନ୍ ଘୋଷ୍‌ନା କର୍‌ବାର୍‌କେ ବାଚସ୍ପତିଙ୍କର୍ ଆଗାଡ଼େ ଦାବି ଉପସ୍ଥାପନ୍ କରିଥିଲେ । ଇ ପ୍ରସଙ୍ଗକେ ନେଇକରି ହୋହଲ୍ଲା ଜାରି ରହେବାର୍‌ନୁ ବାଚସ୍ପତି ଗୃହକେ ୩ ଟା ଖେପେ ୨୪ ମିନିଟ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ସେଆଡ଼େ ଶ୍ରୀ କାଡ଼ାମ୍ ଆନିଥିବା ସଂକଳ୍ପକେ ଆଏବା ୧୨ ତାରିଖ୍ ଦିନ ଆଲୋଚନା ହେବା ବଲି ବାଚସ୍ପତିଙ୍କର୍ ଘୋଷ୍‌ନା ଉତ୍‌ରୁ ଗୃହ ସ୍ୱାଭାବିକ୍ ହେଇଥିଲା ।

ବିଧାନ୍‌ସଭା- ହୀରାକୁଦ୍ ଭୁବ୍‌ନେଶ୍ୱର ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ଧାରଣ୍ କ୍ଷମତା ଧିରେ ଧିରେ କମ୍ବାର୍ଥି ଲାଗିଛେ । ବିଧାନ୍ସଭା ନ ଆଏଜ୍ ଇ ବାବ୍ଦେ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଜଲ୍ଭଣ୍ଡାର୍ର କ୍ଷମତା ଇ ଭିତ୍ରେ ୨୭ ଦଶ୍ମିକ୍ ୫/୭ ପ୍ରତିଶତ୍ କମିଛେ । ମହାନଦୀର୍ ୮୩ ହଜାର୍ ୪ ଶହ ବର୍ଗ କିଲୋମିଟର୍ ଅବବାହିକା ନୁ ପାଏନ୍ଥି ଆସୁଥିବା ପଟୁମାଟି ଜଲ୍ଭଣ୍ଡାର୍ଥି ଜମା ହେଉଛେ । ଯେନ୍ଥିର୍ଲାଗି ଜଲ୍ଭଣ୍ଡାର୍ ଜଲ୍ଧାରଣ୍ କ୍ଷମତା କମ୍ବାର୍କେ ଲାଗିଛେ ବଲି ଶ୍ରୀ ମାଝୀ ଗୃହ ନ ସୂଚ୍ନା ଦେଇଛନ୍ ।

ବିଧାନ୍ସଭା-ବେଟ୍ରୀ ଗାଡ଼ି ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଏବ୍ତକ୍ ୨ ଲାଖ୍ ୧୯ ହଜାର୍ ୬ ଶହ ୭୭ ବେଟ୍ରୀ ଗାଡ଼ି ଚଲାଚଲ୍ କରୁଛେ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ବିଧାନ୍ସଭା ନ ଆଏଜ୍ ଗୁଟେ ଅଣତାରକା ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଭିନ୍ ଭିନ୍ ସର୍କାରୀ କାର୍ଯ୍ୟାଳୟ ଆଉ ସଂସ୍ଥା ତର୍ଫୁ ୬ ଶହ ୮୦ ଟା ବେଟ୍ରୀ ଗାଡ଼ି ଘିନାଯାଇଛେ । ଗାଡ଼ି ଘିନ୍ବାର୍ ବାବ୍ଦେ ଏବ୍ତକ୍ ୩ ଶହ ୪୦ କୋଟି ୯୫ ଲାଖ୍

୭୫ ହଜାର୍ ୪ ଶହ ୮୧ ଟଙ୍କା ପ୍ରୋତ୍ସାହନ୍ ରାଶି ଦିଆଯାଇଛେ ।

ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ      ପୁରୀ ସମ୍ବାଦଦାତା

ପୁରୀ ନ ଆଏବା କାଏଲ୍ଠାନୁ ୩ ଦିନିଆ ବୈଶ୍ୱିକ୍ ଶକ୍ତି ନେତୃତ୍ୱ ସମ୍ମିଲନୀ -୨୦୨୫ ମୁଲ୍ ହେବା । ସ୍ୱଚ୍ଛ ଇନ୍ଧନ୍ କ୍ଷେତ୍ରଥି ଭାରତ୍ର କାର୍ଯ୍ୟପନ୍ଥା ଆଉ ଭୂମିକା ବାବ୍ଦେ ଇଥି ଆଲୋଚନା କରାଯିବା । ୭ ତାରିଖ୍ତକ୍ ହେବାର୍କେ ଥିବା ସମ୍ମିଲନୀଥି କେନ୍ଦ୍ର ନବୀନ୍ ଆଉ ନବୀକରଣୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ, ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ହିମାଚଲ୍ ପ୍ରଦେଶ୍ର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର୍ ସୁଖୁ, ଛତିଶ୍ଗଡ଼୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଆଉ ଅଲ୍ଗା ରାଜ୍ୟର୍ ମନ୍ତ୍ରୀମାନେ ସାମିଲ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ଓଡ଼ିଶା ନ ପହେଲାଥର୍ ଲାଗି ହେବାର୍କେ ଥିବା ସମ୍ମିଲନୀ ସ୍ୱଚ୍ଛ ଶକ୍ତି ରୂପାନ୍ତର୍କେ ତୁର୍ତି କର୍ବାର୍ ଲାଗି ଗୁଟେ ମଚାନ୍ ଦେବା । କାର୍ଯ୍ୟକ୍ରମ୍ଥି ନୀତି ନିର୍ଦ୍ଧାରକ ଶିଳ୍ପପତି, ବିଶେଷଜ୍ଞ ଆଉ ଉଦ୍ଭାବକ ମାନ୍କୁ ଏକ୍ଠାନିଆ କରିକରି ଜ୍ଞାନ୍ ଆଦାନ୍ ପ୍ରଦାନ୍ ଆଉ ରାଜ୍ୟସ୍ତରୀୟ ନେତୃତ୍ୱ ଲାଗି ଗୁଟେ ନୂଆଁ ସୁଯୋଗ୍ ବନାବାର୍ ଇ ସମ୍ମିଲନୀର୍ ଲକ୍ଷ୍ୟ ରହିଛେ ।

ଡାକ ଘର- ପଂଚାୟତ୍ କାର୍ଯ୍ୟାଲୟ ହି.ସ.

ରାଜ୍ୟର୍ ୫ ଶହ ୭୩ ଟା ଡାକ ଘରକେ ପଂଚାୟତ୍ କାର୍ଯ୍ୟାଲୟକେ ସ୍ଥାନାନ୍ତରିତ୍ କର୍ବାର୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥିର୍ଲାଗି ସବୁ ଜିଲ୍ଲାପାଲ୍ମାନ୍କୁ ବିଭାଗ୍ ତର୍ଫୁ ଚିଠି କରାଯାଇଛେ । ୫ ଶହ ୭୩ ଟା ଡାକ ଘର୍କେ ସ୍ଥାନାନ୍ତର୍ ନିର୍ଦ୍ଦେଶ୍ ଦିଆଯାଇଥିବାର୍ ବେଲେ ଏବ୍ତକ୍ ଖାଲି ୭୧ ଟା ସ୍ଥାନାନ୍ତର୍ ହେଇଛେ । ବାକି ସବୁକେ ଆଏବା ୨୦ ତାରିଖ୍ତକ୍ ସ୍ଥାନାନ୍ତର୍ କର୍ବାର୍ ଲାଗି ବିଭାଗ୍ ତର୍ଫୁ କଡ଼ା ନିର୍ଦ୍ଦେଶ୍ ଦିଆଯାଇଛେ ।

ମଡ଼ିଆ I&PR

ଭୁବନେଶ୍ୱର୍ ନ ରାଜ୍ୟ ସର୍କାର୍ଙ୍କର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଶ୍ରୀଅନ୍ନ ଅଭିଯାନ୍ ଅଧୀନ୍ଥି ମଡ଼ିଆ ବିତରଣ ଆଉ ଘିନା ବାବଦ୍ ପ୍ରସ୍ତୁତି ଆଉ ସମୀକ୍ଷା ବୈଠକ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଛେ । ବୈଠକ୍ଥି ଇ ବଛର୍ ମଡ଼ିଆ ଘିନା କାର୍ଯ୍ୟକ୍ରମ୍କେ ଠିକ୍ ଭାବେ କର୍ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେବାର୍ ସହେତେ ଇଥି ଅଏତ୍କାନୁ ଅଏତ୍କା

ମଡ଼ିଆ ଚାଷୀଙ୍କୁ ଜୁଡ଼୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସମ୍ବଲପୁର/ଦେବ୍‌ଗଡ଼୍/ସୁବର୍ଣ୍ଣପୁର

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ଆଏବା କାଏଲ୍ ସମ୍ବଲ୍‌ପୁର୍ ସହେତେ ୭ ଟା ଜିଲ୍ଲା ର୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ୍ ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ନୁ ରାମେଶ୍ୱରମ୍- ମଦୁରାଇକେ ତୀର୍ଥଯାତ୍ରାଥି ଯିବେ । ଇ ବଛର୍ ସମ୍ବଲ୍‌ପୁର୍ ଜିଲ୍ଲା ନୁ ୮୯, ଅନୁଗୁଲ୍ ନ ଶହେ ୯, ବର୍‌ଗଡ୍‌ନୁ ଶହେ ୨୭, ଝାର୍‌ସୁଗୁଡ଼ାନୁ ୫୦, ସୁନ୍ଦର୍‌ଗଡ୍‌ନୁ ଶହେ ୮୦, ସୁବର୍ଣ୍ଣପୁର୍‌ନୁ ୫୨, ଦେବ୍‌ଗଡ୍‌ନୁ ୨୭ ଆଉ ବଲାଙ୍ଗିର୍‌ନୁ ଶହେ ୪୧ ଝନ୍ ଯାତ୍ରୀ ତୀର୍ଥଯାତ୍ରା କର୍‌ବେ । ତୀର୍ଥଯାତ୍ରୀମାନେ ନିଜର୍ ନିଜର୍ ଜିଲ୍ଲା ନୁ ସମ୍ବଲ୍‌ପୁର୍ ଆସିକରି ଟ୍ରେନ୍ ଜରିଏ ତୀର୍ଥଯାତ୍ରାଥି ବାହାର୍‌ବେ ।

ବର୍‌ଗଡ଼୍ ଧନୁଯାତ୍ରା ବୈଠକ୍ ବର୍‌ଗଡ଼୍ ସମ୍ବାଦଦାତା/I&PR

ବିଶ୍ୱପ୍ରସିଦ୍ଧ ବର୍‌ଗଡ଼୍ ଧନୁଯାତ୍ରା ଲାଗି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ୧ କୋଟି ଟଙ୍କାର୍ ଆର୍ଥିକ୍ ଅନୁଦାନ୍

ଦିଆଯିବା । ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ବିଭାଗୀୟ ବୈଠକ୍ଥି ଇ ନିଷ୍ପତି ନିଆଯାଇଛେ । ଆଏବା ୨୪ ତାରିଖ୍ନୁ ଜାନୁଆରୀ ୩ ତାରିଖ୍ ତକ୍ ବର୍ଗଡ଼୍ ଠାନେ ଧନୁଯାତ୍ରା ମହୋତ୍ସବ୍ ଆୟୋଜିତ୍ ହେବା । ଇଥି ଭାଗ୍ ନଉଥିବା ପାଖାପାଖି ୨ ଶହ କଲାକାର୍ଙ୍କୁ ୧୦ ହଜାର୍ ଟଙ୍କା ଲେଖା ସମ୍ମାନ୍ ସୂଚକ ରାଶି ଦିଆଯିବାର୍କେ ନିଷ୍ପତି ନିଆଯାଇଛେ । ଧନୁଯାତ୍ରାର୍ ବ୍ୟାପକ୍ ପ୍ରଚାର୍ ପ୍ରସାର୍ ଲାଗି ଏଲ୍ଇଡ଼ି ଜରିଏ ସିଧା ପ୍ରସାରଣ୍ କରାଯିବା । ଭୁବ୍ନେଶ୍ୱର୍ନୁ ବର୍ଗଡ଼୍କେ ଖାସ୍ ଟୁରିଷ୍ଟ୍ ବସ୍ ଚଲାବାର୍କେ ନିଷ୍ପତି ନିଆଯାଇଛେ । ବୈଠକ୍ଥି ସାଂସଦ୍ ପ୍ରଦୀପ୍ ପୁରୋହିତଙ୍କର୍ ସହେତେ ବିଧାୟକ୍ , ଉନ୍ନୟନ୍ କମିଶନର୍ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନୌସେନା ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଭାରତ୍ର ନୌସେନା ଦିବସ୍ । ଫି ବଛର୍ ଆଝିର୍ ଦିନ୍କେ ନୌସେନାର୍ ସମୃଦ୍ଧି, ପରାକାଷ୍ଠା ଆର୍ ଶକ୍ତିକେ ନେଇକରି ଇ ଦିବସ୍ ପାଲନ୍ କରାଯାଏସି । ଭାରତ୍- ପାକିସ୍ତାନ୍ ଯୁଦ୍ଧ ସମିଆଥି ୧୯୭୧ ମସିହା ନ ଆଝିରର୍ ଦିନେ ଅପରେସନ୍ ଟ୍ରାଇଡେଂଟ୍ ବେଲ୍କେ କରାଚି ବନ୍ଦର୍ ଉପ୍ରେ ଭାରତୀୟ ନୌସେନାର ସଫଲ୍ ଆକ୍ରମଣ୍କେ ସୁର୍ତା କର୍ବାର୍ ଲାଗି

ଇ ଦିବସ୍ ପାଳିତ୍ ହେଇଆସୁଛେ । ଜାତୀୟ ସୁରକ୍ଷା ଆଉ ସାମୁଦ୍ରିକ ଐତିହ୍ୟଥି ଭାରତୀୟ ନୌସେନାର ଭୂମିକା ବାବ୍‌ଦେ ଲୋକ୍‌ମାନ୍‌କର୍ ଭିତ୍‌ରେ ସଚେତନ୍ କର୍‌ବାର୍ ସହେତେ ଦେଶ୍‌ପ୍ରେମ୍ ଆଉ ଏକତାର୍ ଭାବ୍‌ନାକେ ଇ ଦିବସ୍ ତହଁକାସି । ୧୬୧୨ ମସିହାଥି ପୂର୍ବ ଭାରତ୍ କମ୍ପାନୀର୍ ମେରାଇନ୍ ଭାବେ ଭାରତୀୟ ନୌସେନା ମୁଳ୍ ହେଇଥିଲା । ସ୍ୱାଧୀନତା ଉତ୍‌ରୁ ଇଟା ଗୁଟେ ଆଧୁନିକ୍ ଆଉ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିନୁ ଉନ୍ନତ୍ ବାହିନୀ ହେଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ପ୍ରମୁଖ ନୌସେନା ଦିବସ୍ ଅବ୍‌ସରେ ଜବାନ୍, ଅବସରପ୍ରାପ୍ତ ଜବାନ୍ ଆଉ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଅନ୍ତର୍ଜାତୀୟ ଭିନ୍ନକ୍ଷମ୍ ଦିବସ                ସମ୍ବଲପୁର ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଅନ୍ତର୍ଜାତୀୟ ଭିନ୍ନକ୍ଷମ୍ ଦିବସ୍ - ୨୦୨୫ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ର ଭିନ୍ ଭିନ୍ ପ୍ରତିଯୋଗିତାଥି ସମ୍ବଲ୍‌ପୁର୍ ବୁର୍ଲା ନ ଥିବା ଭିନ୍ନକ୍ଷମ ବିଦ୍ୟାଳୟ ଆଉ ଆଇଆଇସି ବୈଜାମୁଣ୍ଡାର୍ ଛାତ୍ରଛାତ୍ରୀମାନେ ସଫଳତା ହାସଲ୍ କରିଛନ୍ । ଏଥ୍‌ଲେଟିକ୍ସ, ସଟ୍‌ପୁଟ୍, ଚିତ୍ରାଙ୍କନ ପ୍ରତିଯୋଗିତାଥି ଭିନ୍

ଭିନ୍ ବର୍ଗରୁ ଛାତ୍ରଛାତ୍ରୀମାନେ କୃତୀତ୍ୱ ହାସଲ୍ କରିଛନ୍ । ଇଥିର୍ଲାଗି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ସେମାନ୍କର୍ ସମ୍ବର୍ଦ୍ଧିତ୍ କରିଛନ୍ ।

ଉର୍ଜା ମେଳା                ସମ୍ବଲପୁର ସମ୍ବାଦଦାତା

ଶକ୍ତି ସଂରକ୍ଷଣ୍ ଆଉ ସବୁଜ ଶକ୍ତିର୍ ବେଭାର୍କେ ତହଁକାବାର୍ ଲକ୍ଷ୍ୟଥି ସମ୍ବଲ୍ପୁର୍ ଠାନେ ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତର୍ଫୁ ଉର୍ଜା ମେଳା ଆୟୋଜିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ସହରର୍ ୮ ଟା ବିଦ୍ୟାଳୟନୁ ୨ ଶହ ନୁ ଅଏତ୍କା ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ପ୍ରଧାନ୍ ଶିକ୍ଷକ୍ ତାଲିମ ଶିବିର          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ୍ ତର୍ଫୁ ଯୋଗୀନ୍ଦ୍ର ଦେବ୍ ହାଇସ୍କୁଲ୍ ଠାନେ ଜିଲ୍ଲାସ୍ତରୀୟ ପ୍ରଧାନ୍ ଶିକ୍ଷକ୍ ତାଲିମ ଶିବିର୍ ଉଦ୍ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍ଲାଲ୍ ଦୁବେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ୭୭ ଟା ହାଇସ୍କୁଲ୍ର ପ୍ରଧାନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ ଇଥି ଯୋଗ୍ ଦେଇଛନ୍ ।

ମାଛ ଜାଆଁଳ ଦେବ୍‌ଗଡ୍ ସମ୍ବାଦଦାତା

ରାଏଜେ ଜଲ୍‌ଭଣ୍ଡାର୍ ମାନ୍‌କେ ମାଛ୍ ଉତ୍ପାଦନ୍ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀ - ମତ୍ସ୍ୟଜୀବୀ କଲ୍ୟାଣ୍ ଯୋଜ୍‌ନା ଜରିଏ ଉନ୍ନତ୍ ମାନର ଅଙ୍ଗୁଳିକା ଜାଆଁଳ ଜଲ୍‌ଭଣ୍ଡାର୍ ମାନ୍‌କେ ଛଡ଼ାଯିବାର୍ କାର୍ଯ୍ୟକ୍ରମ୍ କରାଯାଉଛେ । ଇଥିର୍ ଜରିଏ ଦେବ୍‌ଗଡ୍ ଜିଲ୍ଲା ତିଲେଇବଣି ବ୍ଲକ୍ ଗୁହିରା ଜଲ୍‌ଭଣ୍ଡାର୍ ନ ଇ ଜାଆଁଳ ଛଡ଼ାଯାଇଥିଲା ।

ଟ୍ୱେଣ୍ଟି ମେଚ୍ କଟକ୍ ସମ୍ବାଦଦାତା

ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ଟିଟ୍ୱେଣ୍ଟି କ୍ରିକେଟ୍ ମେଚ୍ ଖେଲାଯିବା । ଇଥିର୍‌ଲାଗି ଆଏବା କାଏଲ୍‌ଠାନୁ କାଉଂଟର୍‌ଥି ଟିକେଟ୍ ବିକ୍ରି ମୁଲ୍ ହେବା । ଟିକେଟ୍ କଲାବଜାରୀ ଉପ୍‌ରେ କମିଶନରେଟ୍ ପୁଲିସ୍ ତର୍‌ଫୁ କଡ଼ା ନଜର୍ ରଖାଯାଇଛେ କଟକ୍ ଡିସିପି ଋଷିକେଶ୍ ଖିଲାରୀ କହିଛନ୍ । ଭିନ୍ ଭିନ୍ ସାମାଜିକ୍ ଗଣମାଧ୍ୟମ୍ ପ୍ଲାଟ୍‌ଫର୍ମ ଉପ୍‌ରେ ସାଇବର୍ ଶାଖା ତର୍‌ଫୁ ନଜର୍ ରଖାଯାଇଛେ । ନିୟମ୍ ଭାଙ୍ଗୁଥିବାର୍ ଲୁକ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଶୃଙ୍ଖଲିତ୍ ଧାଡ଼ି ବ୍ୟବସ୍ଥା ଲାଗି ପ୍ରସ୍ତୁତ୍ ହେଇଥିବା ରୂପ୍‌ରେଖ୍ ଅନ୍‌ସାରେ ଦାୟିତ୍ୱ

ତୁଲାବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ଶ୍ରୀ ଖିଲାରୀ ନିର୍ଦ୍ଦେଶ୍ ଦେଇଛନ୍ । ସେ କହିଛନ୍, ଆଏବା ମେଚ୍ ଲାଗି ମୋଟ୍ ୪୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ନିୟୋଜିତ ହେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଗୁଟେ ଜୁଡ଼େ ଜାଗା ନ ରାତିର୍ ତାପମାତ୍ରା ୪ ଡିଗ୍ରୀତକ୍ କମିଛେ । ସେନ୍ତା ଉତର୍ ଆଉ ଦକ୍ଷିଣ୍ ଆଭ୍ୟନ୍ତରିଣ୍ ଓଡ଼ିଶାର୍ ଜିଲ୍ଲାମାନ୍‌କେ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିଛେ । ଗଲକାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲା ନ ରାତିର୍ ସବୁନୁ କମ୍ ତାପମାତ୍ରା ୧୦ ଦଶ୍‌ମିକ୍ ୯ ଡିଗ୍ରୀ ରେକର୍ଡ଼ କରାଯାଇଥିଲା ।